# ରେଳ ଧାରଣାରୁ କଲେଜ ଛାତ୍ରଙ୍କ ମୃତଦେହ ଉଦ୍ଧାର

ନନ୍ଦପୁର, ୧୧।୪ (ସମିସ)

ଚୈତ୍ର ପର୍ବ ବଡ଼ବେଣ୍ଟ ଉତ୍ସବକୁ ଆସି ପ୍ରାଣ ହରାଇଛନ୍ତି ଯୁବକ। ରେଳ ଧାରଣାରୁ ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି।

ସୂଚନାରୁ ପ୍ରକାଶ ଯେ ଶୁକ୍ରବାର ସନ୍ଧ୍ୟାରେ ମାମୁ ଘର ଖୁଜେଲ ଗ୍ରାମକୁ ବଡ଼ବେଣ୍ଟ ଉତ୍ସବ ଦେଖିବାକୁ ଆସିଥିଲେ ସୁଭାନ ରୁଙ୍ଗୁଡ଼ା। ସକାଳୁ ଗ୍ରାମବାସୀ ଶୌଚ ଆଇ ମାଛକୁଣ୍ଡ ଖୁଜେଲ ରେଳ ଲାଇନ୍ ନିକଟକୁ ଯାଇଥିବା ସମୟରେ ଯୁବକଙ୍କ ମୃତଦେହ ରେଳ ଧାରଣା ଉପରେ ପଡ଼ିଥିବା ଦେଖିଥିଲେ। ରେଳ ବିଭାଗ ପୁଲିସ



ଅଧିକାରୀ ଏସଆଇ ସାଗରିକା ପ୍ରଧାନ ଏକ ଟିମ୍ ନେଇ ଘଟଣା ସ୍ଥଳରେ ପହଞ୍ଚି ଏହାର ଅନୁଧ୍ୟାନ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି ଏହି ଘଟଣାକୁ କେହି କେହି ହତ୍ୟାକାଣ୍ଡ ବୋଲି କହୁଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ସବୁ ଜଣାପଡ଼ିବ ବୋଲି କହିଛି ରେଳ ବିଭାଗ ପୋଲିସ। ତେବେ ପରିବାର ପକ୍ଷରୁ ସେଭଳି କୌଣସି ଅଭିଯୋଗ ହୋଇନାହିଁ। ପରିବାରକୁଆର୍ଥିକ ସାହାଯ୍ୟ କରିବାକୁ ଅନୁରୋଧ କରିଛନ୍ତି ମାଳିବେଲଗା ସରପଞ୍ଚ ପ୍ରହ୍ଲାଦ ମୁଦୁଲି। ମୃତ ଯୁବକଙ୍କ ସୁଭାନ ରୁଙ୍ଗୁଡା ଙ୍କ କ୍ଷତାକ୍ତ ଶବ ଦେଖି ସମସ୍ତଙ୍କ

## ହତ୍ୟା ସନ୍ଦେହ

ମନରେ ହତ୍ୟା ସନ୍ଦେହ ହେଉଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ସବୁ ଗୁମର ଖୋଲିବ ବୋଲି କୁହାଯାଉଛି। ଯୁବକ ଜଣକ ଟିକିଏ ମାନସିକ ବିକାର ଗ୍ରସ୍ତ ଥିଲେ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି ବୋଲି କହିଛନ୍ତି ଏସଆଇ ଶ୍ରୀମତୀ ପ୍ରଧାନ।

# ବିଷୁବ ସଂକ୍ରାନ୍ତି ପାଳନ କରିବ ହିନ୍ଦୁ ଏକତା ବାହିନୀ

ନବରଙ୍ଗପୁର, ୧୧।୪(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନବରଙ୍ଗପୁର ଜିଲ୍ଲା ସଦର ମହକୁମାରେ ମହା ଆଡ଼ମ୍ବରରେ ଲକ୍ଷାଧିକ ଜନ ସମାଗମରେ ମହା ବିଷୁବ ସଂକ୍ରାନ୍ତି ଉତ୍ସବ ପାଳନ କରିବାକୁ ଯାଉଛି ନବରଙ୍ଗପୁର ଜିଲ୍ଲା ହିନ୍ଦୁ ଏକତା ବାହିନୀ। ହିନ୍ଦୁ ଏକତା ବାହିନୀ ତରଫରୁ ହନୁମାନ ଜୟନ୍ତୀ ଉପଲକ୍ଷେ ହେବାକୁ ଥିବା ଶୋଭାଯାତ୍ରା ପାଇଁ ତିନୋଟି ପ୍ରସ୍ତୁତି ବୈଠକ ଶେଷ ହୋଇଥିବା ବେଳେ ଆଜି ନବରଙ୍ଗପୁରର ସମସ୍ତ ସମାଜ, ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଏବଂ ସମସ୍ତ ସଂଗଠନ ମାନଙ୍କୁ ନେଇକି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଷୁବ ସଂକ୍ରାନ୍ତି ଦିନ କାର୍ଯ୍ୟକ୍ରମ ଅପରାହ୍ନ ୩ ଘଣ୍ଟା ସମୟରେ ଚାମିରିଆ ଗୁଡା ଠାରୁ ଆରମ୍ଭ ହୋଇ ପୁରୁଣା ମଣ୍ଡେଇ ପଡ଼ିଆ ବା ପୋଲିସ ପଡ଼ିଆ ଠାରେ ଶେଷ କରାଯିବ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଏହି ଶୋଭାଯାତ୍ରା ରେ ମହାରାଷ୍ଟ୍ର ୱାର୍ଦ୍ଧା ରୁ ଢୋଲତାସା, ଛତିଶଗଡ଼ ରାୟପୁରରୁ ଅଘୋରୀ ନୃତ୍ୟ, ଛତିଶଗଡ଼ ଦୁର୍ଗର ଝାଙ୍କି, ୫ ଗୋଟି ବିଭିନ୍ନ ମନ୍ଦିର ଆକୃତିର ରଥ, ୩ ଡିଜେ, ୩ଟି ଅଖାଡା, ନବରଙ୍ଗପୁର ଅଖପାଖ ଅଞ୍ଚଳରୁ ୨୫ରୁ ଅଧିକ ସଂମଣ୍ଡଳୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସମସ୍ତ ମଦ ଦୋକାନ ବନ୍ଦ କରାଯିବା ନେଇ ଜିଲ୍ଲାପାଳ ଏବଂ ଅବକାରୀ



ବିଭାଗକୁ ଅନୁରୋଧ କରା ଯାଇଛି ବୋଲି ଆବାହକ ଗୌରୀ ଶଙ୍କର ସାହୁ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାହ୍ନୁ ଦାସ, ନିନୀବାବୁ ତ୍ରିପାଠୀ, ଅନନ୍ତ ପଣ୍ଡା, ନାଗେଶ୍ୱର ସୁବୁଦ୍ଧି, ରବୀନ୍ଦ୍ର ସାହୁ, ଏ ସନ୍ତୋଷ କୁମାର, ସଞ୍ଜୟ ସାହୁ, ଭି ରବ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସିଜିମାଳି ଘଟଣା ନେଇ ଜିଲ୍ଲାପାଳଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ



ରାୟଗଡ଼ା, ୧୧।୪(ସମିସ): କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକାଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଦ୍ୱାରା ଗଠିତ ତଥ୍ୟ ଅନୁସନ୍ଧାନକାରୀ ଦଳ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ସିଜିମାଳି ଅଞ୍ଚଳର କଣ୍ଟାମାଲ, ସାଗୁବାରୀ ଏବଂ ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳ ଶୁକ୍ରବାର ଦିନ ପରିଦର୍ଶନ କରିଥିଲେ। ପରିଦର୍ଶନ ଉପରାନ୍ତେ ସଂଗୃହିତ ତଥ୍ୟ ଓ ସ୍ଥାନୀୟ ଲୋକମାନଙ୍କ ସମସ୍ୟା ସମ୍ପର୍କରେ ଆଜି ରାୟଗଡ଼ ଜିଲ୍ଲାପାଳଙ୍କ ସହିତ ସାକ୍ଷାତ କରି ଆଲୋଚନା କରିଥିଲେ। ଏହି ଆଲୋଚନା ବେଳେ ସାଂସଦ ଶ୍ରୀ ଉଲାକା, କଂଗ୍ରେସ ବିରୋଧୀ ଦଳ ନେତା ରାମଚନ୍ଦ୍ର କାଡମ, ରାୟଗଡ଼ ବିଧାୟକ କାଡ୍ରକା ଆପଲାସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକକା, ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଉପସ୍ଥିତ ଥିଲେ। ସିଜିମାଳି ଅଞ୍ଚଳରେ ସ୍ଥାନୀୟ ବାସିନ୍ଦାମାନଙ୍କ ସହ ବ୍ୟାପକ ଆଲୋଚନାର ଆଧାରରେ, ଦଳ ଗୁରୁତର ଅନିୟମିତତା ଏବଂ ଯଥାର୍ଥ ପ୍ରକ୍ରିୟାର ଉଲଂଘନ ସମ୍ପର୍କରେ ଅବଗତ ହୋଇଥିବା ଜିଲ୍ଲାପାଳଙ୍କୁ ଜଣାଇଥିଲେ।

## ମୃତ ହୋମଗାର୍ଡ ଭଗବାନ ଖରାଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ



କୋରାପୁଟ, ୧୧।୪(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକରେ ବାସ କରୁଥିବା ହୋମଗାର୍ଡ ଭଗବାନ ଖରାଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। କୋରାପୁଟ ହୋମଗାର୍ଡ ସଂଘ ତାଙ୍କ ଘରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। କୋରାପୁଟ ଏସପି ରୋହିତ ବର୍ମା, ଆରଆଇ ନିଶାନ୍ତ କୁମାର ବିଶ୍ୱାଳ ଓ ହୋମଗାର୍ଡ ଡିଏସପି ହୃଷିକେଶ ମେହେରଙ୍କ ଉପସ୍ଥିତରେ ହୋମଗାର୍ଡ ସଂଘ ତରଫରୁ ମୃତ ହୋମଗାର୍ଡ ଭଗବାନ ଖରାଙ୍କ ପତ୍ନୀଙ୍କୁ ୩ ଲକ୍ଷ ୧୪ହଜାର ୬୧୨ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ସମୟରେ ହୋମଗାର୍ଡ ସଭାପତି ନିର୍ମଳ ବାଘ, ଉପ ସଭାପତି ଗୌରୀ ଜେନା, ପ୍ରବୀଣ ସାହୁ, ମନୋଜ ତୁରୁକ, ଭୀମ ବୈପାରୀ, ଅର୍ଜୁନ ଜାନୀ, ହେମନ୍ତ ତୁରୁକ, ଡି ସୋମା, ମହେନ୍ଦ୍ର ବିଶୋଇଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

## ଭାଗବତ ଟୁଙ୍ଗୀରେ ଶ୍ରୀମଦ ଭାଗବତ କଥାମୃତ ପ୍ରବଚନ



କୋଷାଗୁମୁଡା, ୧୧।୪(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ସଦର ମହକୁମା ସ୍ଥିତ ଶ୍ରୀ ଶ୍ରୀ ରାଧା ଗୋବିନ୍ଦ ଭାଗବତ ଟୁଙ୍ଗୀରେ ଚାଲିଥିବା ୭ଦିନିଆ ଭାଗବତ କଥାମୃତ ପାଠ ସତସଙ୍ଗ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ରବିବାର ଦିନ ପ୍ରଥମେ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଟୁଙ୍ଗୀର ସଦସ୍ୟ ଓ ଶ୍ରଦ୍ଧାଳୁମାନେ ନାମ କୀର୍ତ୍ତନରେ ଗୀତ, ନୃତ୍ୟ ପରିବେଷଣ ସହ 'ହରେ କୃଷ୍ଣ ହରେ କୃଷ୍ଣ'ନାମ ଗୀତ ଗାଇ ନଗର ପରିକ୍ରମା କରି ସଭା ସ୍ଥଳକୁ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରବଚକ ଶ୍ରୀପାଦ ଅକ୍ଷୟ ହରିଦାଶ ବ୍ରହ୍ମଚାରୀ, ଇସ୍କନ-ଭୁବନେଶ୍ୱରର ମୁଖ୍ୟ ପ୍ରବକ୍ତା ଭାବେ ଥିବା ସହ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଛନ୍ତି। 'କଳି ଯୁଗର ପ୍ରବେଶ, ପ୍ରଭାବ ଓ ପ୍ରତିକାର' ଉପରେ ପ୍ରବଚନ ଚାଲିଥିଲା। କୋଷାଗୁମୁଡାର ଶ୍ରୀ ଶ୍ରୀ ରାଧା ଗୋବିନ୍ଦ ଭାଗବତ ଟୁଙ୍ଗୀର ସଭାପତି ତ୍ରିବିକ୍ରମ ଦାସ ଓ ସମ୍ପାଦକ ଅନନ୍ତ ଶେଷ ଦାସ, କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ସହଯୋଗୀ ପିତାମ୍ବର ଦାସ, ନିତାଇ ପଦ କମଳ ଦାସ, ଚରଣ ସୋରଜ ଦାସ, ପ୍ରକାଶ ପରିଡ଼ା, ସତ୍ୟନାରାୟଣ ଚୌଧୁରୀ, ରବୀନ୍ଦ୍ର ନାୟକଙ୍କ ଦ୍ୱାରା କାର୍ଯ୍ୟକ୍ରମ ହୋଇଛି।

● ଅଘଟଣ ପରେ ମାର୍ଗଦର୍ଶିକା ଜାରି

## ଯାଞ୍ଚ ପରେ ରାଣିଡୁଡୁମାକୁ ପ୍ରବେଶ ଅନୁମତି ମିଳିବ: ବନପାଳ

ନନ୍ଦପୁର, ୧୧।୪ (ସମିସ): ଗତ ୯ ତାରିଖ ଦିନ ରାଣିଡୁଡୁମାକୁ ବଣଭୋଜି କରିବାକୁ ଆସିଥିବା ଜଣେ ପର୍ଯ୍ୟଟକ ନଦୀରେ ଗାଧୋଇବା ବେଳେ ପାଣିରେ ବୁଡିଯାଇ ପ୍ରାଣ ହରାଇବା ପରେ ରାଣିଡୁଡୁମା ପର୍ଯ୍ୟଟନ ବିକାଶ କମିଟି ଏକ ମାର୍ଗଦର୍ଶିକା ଜାରି କରିଛି। ଏହା ନିର୍ଦ୍ଦେଶନାମା କଡ଼ାକଡ଼ି ଭାବେ ପାଳନ ହେବ ବୋଲି ନନ୍ଦପୁର ବନପାଳ ଗୋପୀନାଥ ପାଙ୍ଗି ସୂଚନା ଦେଇଛନ୍ତି। ଏହି ମାର୍ଗଦର୍ଶିକା ସମସ୍ତଙ୍କ ପାଇଁ ସମାନ ଭାବରେ ବଳବତ୍ତର ରହିବ ବୋଲି ସେ ମନ୍ତବ୍ୟ ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଏହି ପର୍ଯ୍ୟଟନ ବିକାଶ କମିଟି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ମାର୍ଗଦର୍ଶିକା ଅନୁସାରେ ପର୍ଯ୍ୟଟକ ପର୍ଯ୍ୟଟନସ୍ଥଳୀ ଭିତରକୁ ପ୍ରବେଶ ସମୟରେ ପାଣି ବୋତଲ ପଞ୍ଜିକରଣ କରିବା ଜରୁରୀ ରହିବ। ତତ୍ ସହିତ ସ୍ଥାନୀୟ ଲୋକ ଭିତରକୁ ପ୍ରବେଶ କରିବା ସମୟରେ ସେମାନଙ୍କ ନାମ ପଞ୍ଜୀକୃତ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଏହା ଛଡା କୌଣସି ପର୍ଯ୍ୟଟକ ପର୍ଯ୍ୟଟନ ସ୍ଥଳୀ ମଧ୍ୟକୁ ନିଶା ଦ୍ରବ୍ୟ ନେବା ବା ସେବନ କରି ପ୍ରବେଶ କରିବା ଉପରେ କଡା କଟକଣା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମାକୁ ବଳବତ୍ତର କରିବା ପାଇଁ



ବନପାଳ ଭିତରଗଡ଼ ବନ ସୁରକ୍ଷା କମିଟିକୁ କଡ଼ା ନିର୍ଦ୍ଦେଶ ଦେଇ ସାତ ଦିନ ମଧ୍ୟରେ କାର୍ଯ୍ୟକାରୀ ନ କଲେ ଏହି କମିଟିକୁ ବଦଳାଇ ଅନ୍ୟ କମିଟିକୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗୁରୁତ୍ୱପର୍ଣ୍ଣ ବୈଠକରେ ବନପାଳ ଗୋପୀନାଥ ପାଙ୍ଗିଙ୍କ ସହ ନନ୍ଦପୁର ପର୍ଯ୍ୟଟନ ବିକାଶ କମିଟିର ସଭାପତି ଏନ୍ ପାର୍ବତୀ, ଉପ ସଭାପତି ତିଳି ମାଝୀ, ବନରକ୍ଷୀ ସୁବ୍ରତ ବାଦନାୟକଙ୍କ ସହ ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

## 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ

ନବରଙ୍ଗପୁର, ୧୨।୪ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ଲୋକକଳା ଗ୍ରାମ ବି. ମାଳିଗୁଡାଠାରେ 'ଓଡ଼ିଆ ପକ୍ଷ-୨୦୨୬' ଅବସରରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାତ୍ରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି



ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ ଯୋଗ ଦେଇଥିଲେ। ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀ ଏ. ସନ୍ତୋଷ କୁମାର ପାଇକ ଆଖଡ଼ାର ଏକ ଚିତ୍ତାକର୍ଷକ କଳା ପ୍ରଦର୍ଶନ କରି ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ଏବଂ ଜରୁରକାଳୀନ ବିଭାଗ ପ୍ରୋଗ୍ରାମ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ଉପସ୍ଥିତ ଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିସହ ଏ ଡି ଇ ଓ ଶ୍ରୀକାନ୍ତ ଜାନୀ ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲା ଶବର ଶ୍ରୀକ୍ଷେତ୍ର ଦେଶିଆ ନାଟଗୁରୁ ମହାସଂଘର ସଭାପତି ନାଟଗୁରୁ ନରସିଂହ ତ୍ରିପାଠୀ ଅତିଥି ଭାବେ ମଞ୍ଚାସୀନ ଥିଲେ। ନାଟଗୁରୁ ନରସିଂହ ତ୍ରିପାଠୀ କହିଥିଲେ ଯେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ପ୍ରାୟ ୩୪ ପ୍ରକାରର ଦେଶିଆ ଭାଷା ରହିଛି। ଏହି ଅବସରରେ ଜିଲ୍ଲାର ୧୮ ଜଣ ପ୍ରତିଭାବାନ ନାଟଗୁରୁ ଯଥା ସତ୍ୟବାନ ନାୟକ (ହଂସ ନାଚ ଗୁରୁ), ଜୟସେନ ଭତ୍ରା, ଶ୍ୟାମ ଅମାନତ୍ୟ, ନରସିଂହ ତ୍ରିପାଠୀ, କମଳସାଏ ମାଝୀ, ପବିତ୍ର ନାୟକ, ଟଙ୍କ ମଣ୍ଡଳ, ସହଦେବ ବାଘ, ନବୀନ ଚନ୍ଦ୍ର ଭତ୍ରା, ଫାଲଗୁନି ପାତ୍ର, ସୁଜନ ସୁନା, ଯୁଗଳ କିଶୋର ତ୍ରିପାଠୀ, ମନୋଜ କୁମାର ପଟ୍ଟନାୟକ, ନରହରି ହରିଜନ, ଶଙ୍କର ଭତ୍ରା, ଇନ୍ଦ୍ରାଣୀ ହୋତା, ଗଙ୍ଗାଧର ମାଳି ଏବଂ ତ୍ରିପତି ମାଳିଙ୍କୁ ସେମାନଙ୍କର ଅତୁଲ୍ୟ ଅବଦାନ ପାଇଁ ପ୍ରମାଣପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏଥିସହିତ ବ୍ଲକ ସ୍ତରର ୧୬ ଜଣ ଶିଳ୍ପୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପିପିଲି ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ଏଲ୍‌ଇଡି ସ୍କ୍ରିନ୍ ମାଧ୍ୟମରେ ୫୦୦ରୁ ଅଧିକ ଗ୍ରାମବାସୀ ଉପଭୋଗ କରିଥିବା ବେଳେ ସାତ୍ତ୍ୱିକ କଳାକେନ୍ଦ୍ର ଓ ପୁରୁଷୋତ୍ତମ କଳାକେନ୍ଦ୍ରର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅତିଥି, ଶିଳ୍ପୀ ଓ ଗ୍ରାମବାସୀଙ୍କୁ ଧନ୍ୟବାଦ କରିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମରେ ସଂସ୍କୃତି ସହକାରୀ ଆକ ପ୍ରକାଶ ସାହୁ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ନୀଳକଣ୍ଠ ନାୟକ ସକ୍ରିୟ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## 'ମହିଳାଙ୍କୁ ଅଧିକାର ପ୍ରଦାନରେ ଆମ୍ବେଦକରଙ୍କ ଭୂମିକା' ଆଲୋଚନାଚକ୍ର

ନନ୍ଦପୁର, ୧୧।୪ (ସମିସ): ବାବା ସାହେବ ଡ. ଭୀମ ରାଓ ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ପାଳନ ଅବସରରେ ନନ୍ଦପୁର ପ୍ରେସ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଲକ୍ଷ୍ମଣ ନାୟକ ସଭା ଗୃହଠାରେ



ମହିଳାଙ୍କୁ ସାମ୍ବିଧାନିକ ଅଧିକାର ପ୍ରଦାନରେ ବାବା ସାହେବଙ୍କ ଭୂମିକା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୂର୍ଗା ପ୍ରସାଦ ଦୋରା, ମୁଖ୍ୟ ବକ୍ତା ଭାବେ ଲାମତାପୁଟ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଶିବାନୀ ମୁଦୁଲି, ସମ୍ମାନିତ ଅତିଥି ଭାବେ ନନ୍ଦପୁର ବ୍ଲକର ପ୍ରଥମ ମହିଳା ଶିକ୍ଷୟିତ୍ରୀ ଫୁଲମଣି ବେନିଆ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କବିତା ନାଗ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡା, ମିଶନ ଶକ୍ତି ବିପିସି ଶ୍ରୀଧର ଜାନୀ, ଓଡ଼ିଶା ଜୀବିକା ମିଶନ ବିଏଲ୍ପି ବିଚିତ୍ର କୁମାର ରାଉତ ତଥା ଲମତାପୁଟର ବରିଷ୍ଠ ସାମ୍ବାଦିକ ଜଗତ ଜୀବନ କଟିମ୍ ପ୍ରମୁଖ ମଞ୍ଚାସୀନ ଥିଲେ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ବିଧିବଦ୍ଧ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ ଭୂମିକାରେ କାର୍ଯ୍ୟରତ ଶତାଧିକ ମହିଳାଙ୍କୁ ମାନପତ୍ର, ଉପଢୌକନ ଦେଇ ପ୍ରେସ୍ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରା ପରିଚାଳନ କରିଥିବା ବେଳେ, ସମ୍ପାଦକ ରମେଶ କୁମାର ଅଧିକାରୀ, ସଭ୍ୟ ଶଙ୍କର ପାଙ୍ଗି, ସାମୁଏଲ କ୍ଷେମୁଣ୍ଡୁ, ବିଏଫ୍‌ଟି ଭୂଷଣ ହନ୍ତାଳ ପ୍ରମୁଖ ସହଯୋଗ କରିଥିବା ବେଳେ ଉପ ସଭାପତି ବିମଳ ରାଓ ସ୍ମିଥ୍ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଆସାମ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହକଲା କଂଗ୍ରେସ

ନବରଙ୍ଗପୁର, ୧୧।୪(ସମିସ): ଭାରତୀୟ ଜାତୀୟ କଂଗ୍ରେସ ଦଳର ମୁଖ୍ୟ କର୍ଣ୍ଣାଟକ ରାଜ୍ୟ ସାଂସଦ ତଥା ସଂସଦର ମୁଖ୍ୟ ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡ୍‌ଗେଙ୍କୁ ଜଣେ ବୃଦ୍ଧ, ପାଗଳ ବୋଲି ଆକ୍ଷେପ କରି ଅଶାଳୀନ ଓ ଅପମାନ ଜନକ ମନ୍ତବ୍ୟ ଦେଇ ଥିବା ଭାଜପା ଶାସିତ ଆସାମ ରାଜ୍ୟର ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମାଙ୍କୁ ଘୋର ବିରୋଧ ସହ ନିନ୍ଦା କରି ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁଶ୍ରୀ ଲିପିକା ମାଝୀଙ୍କ ନେତୃତ୍ୱରେ, ଜିଲ୍ଲା



ସଦର ମହକୁମା ସ୍ଥିତ ମୁଖ୍ୟ ରାସ୍ତା ତଥା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବିକ୍ଷୋଭ କରାଯାଇଛି। ହେମନ୍ତ ବିଶ୍ୱଶର୍ମାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଭୁଜବଳ ମାଝୀ, ନନ୍ଦା ହାଣ୍ଡି ବ୍ଲକ କଂଗ୍ରେସ କମିଟି ସଭାପତି ବୃନ୍ଦାବନ ତ୍ରିପାଠୀ, ନବରଙ୍ଗପୁର ବ୍ଲକ ସଭାପତି ଅବଦୁଲ୍ ଫିରୋଜ, ତେନ୍ତୁଳି ଖୁଣ୍ଟି ସଭାପତି ପ୍ରହ୍ଲାଦ ହିଆଲ, ବରିଷ୍ଠ ନେତା ଶିବରାମ ରାଜୁ, ପୂର୍ବତନ ଯୁବ କଂଗ୍ରେସ ସଭାପତି ତୁଫାନ୍ ଷଡଙ୍ଗୀ, ଦେବକାନ୍ତ ପଣ୍ଡା, ନବରଙ୍ଗପୁର ନଗର ସଭାପତି ଗଣେଶ ପଟ୍ଟନାୟକ, ବାସୁଦେବ ପଟ୍ଟନାୟକ, ପୂର୍ବତନ ଜିଲ୍ଲା କଂଗ୍ରେସ ସମ୍ପାଦକ ହୁସୁନା ବାନ, ହାଇସା ବାନ, ଗୋପାଳ ତ୍ରିପାଠୀ, ଧନୁର୍ଜୟ ପୂଜାରୀ, ମୁକେଶ ଗୁପ୍ତା, ସୁଶାନ୍ତ ସୁନା, ଟୁନା ବାଘ, ଦଶା ମାଝୀ, ଜଗବନ୍ଧୁ ଜାନି, ହେମନ୍ତ ଭତରା, ଶରତ ଡଙ୍ଗରି ପ୍ରମୁଖଙ୍କ ସହ ଅନେକ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

କୋରାପୁଟ : ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ତଥା ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡକେଙ୍କ ପ୍ରତି ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା ଅଶାଳୀନ ମନ୍ତବ୍ୟ ଦେଇଥିବା ଯୋଗୁଁ କଂଗ୍ରେସ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଆଜି କୋରାପୁଟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।।



ଏଥିସହ କଂଗ୍ରେସ କର୍ମୀ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଆସାମ ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରା ଯାଇଛି। ଯଦି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ତେବେ ଆଗାମୀ ଦିନରେ କଂଗ୍ରେସ ଦଳର ନେତା ଓ କର୍ମକର୍ତ୍ତା ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ପୌର ପରିଷଦର କାଉନସିଲର ଚନ୍ଦ୍ରପ୍ରଭା ହିଆଲ ଓ ସନ୍ଧ୍ୟାରାଣୀ ଜେନା, ଜିଲ୍ଲା ଏସସି ମୋର୍ଚ୍ଚା ସଭାପତି ରମେଶ ଖରା, କୋରାପୁଟ ସାଂସଦଙ୍କ ପ୍ରତିନିଧି ଜୟନ୍ତ କୋଟିମ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ନେତା ଓ କର୍ମୀ ଯୋଗଦେଇଥିଲେ।।

## ୧୯ରେ ବର୍ଷା ସାହିତ୍ୟ ସଂସଦର ବାର୍ଷିକ ସମାରୋହ

ଦାମନଯୋଡ଼ି, ୧୧।୪(ସମିସ): ଦାମନଯୋଡ଼ିର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ବର୍ଷା ସାହିତ୍ୟ ସଂସଦ'ର ବାର୍ଷିକ ସାରସତ୍ୱ ସମାରୋହ ଆସନ୍ତା ଏପ୍ରିଲ ୧୯ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ। ନାଲକୋ ଟାଉନସିପ ସ୍ଥିତ ସର ସ୍ୱତୀ ବିଦ୍ୟାମନ୍ଦିର ପରିସରରେ ଏହି ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବରେ ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର, ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସ୍ତମ୍ଭକାର ଓ ସଂସ୍କୃତି ଗବେଷକ ଅନୀଲ ଧିର, ସମ୍ମାନିତ ବକ୍ତା ଭାବରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହାୟକ ପ୍ରାଧ୍ୟାପକ ଡ ଆଲୋକ ବରାଳ ଏବଂ ସମ୍ମାନିତ ଅତିଥି ଭାବରେ ନାଲକୋ ମୁଖ୍ୟ ମହାପ୍ରବନ୍ଧକ ସୁଗାତୋ ଆନନ୍ଦୋ ବାସୁ ଯୋଗ ଦେବାପାଇଁ ସେମାନଙ୍କର ସ୍ୱୀକୃତି ପ୍ରଦାନ କରିଛନ୍ତି। ଦ୍ୱିତୀୟ ଅଧିବେଶନରେ କବିତା ପାଠ ଉତ୍ସବରେ ନାଲକୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦାନ କରିବେ। ଅବିଭକ୍ତ କୋରାପୁଟ ଜିଲ୍ଲାର ଶତାଧିକ କବି ଓ ଲେଖକ ଏହି ସମାରୋହରେ ଯୋଗ ଦେବେ।' ସମାରୋହ ଟିକୁ ସଫଳ କରିବା ପାଇଁ ସଭାପତି ଅରୁଣ କୁମାର ମହାନ୍ତି, ସମ୍ପାଦକ ଶ୍ରୀଧର ପରିଡ଼ାଙ୍କ ତରଫରୁ ଅନୁରୋଧ କରାଯାଇଛି।

# କାଉନ୍‌ସେଲର ତାଲିମ ଶିବିରରେ ରକ୍ତଦାନ ଶିବିର

ଦାମନଯୋଡ଼ି/ସେମିଳିଗୁଡ଼ା, ୧୧।୪ (ସମିସ): ଦାମନଯୋଡ଼ିରେ ପିଏମ୍ ଶ୍ରୀ ମଲୁସାନ୍ତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତ୍ରିଦିବସୀୟ ଅଣ ପ୍ରଶିକ୍ଷିତ କାଉନ୍‌ସେଲରମାନଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ୯ ଏପ୍ରିଲ ୨୦୨୬ ଠାରୁ ୧୧ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ତାଲିମ୍ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କାଉନସେଲରମାନେ ଯୋଗ ଦେଇଥିଲେ। ଆଜି ଅନ୍ତିମ ଦିବସରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରକୁ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ରଶ୍ମିରଞ୍ଜନ ସେଠୀ ଓ ଜୁନିଅର ରେଡକ୍ରସ୍ ଅଧିକାରୀ ହରେକୃଷ୍ଣ ମହାରଣା ପ୍ରଥମେ ରକ୍ତଦାନ କରି ଉଦ୍‌ଘାଟନ କହିଥିଲେ। କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ ଗତ କକ୍ଷଲି ରକ୍ତଦାନ ସମ୍ପର୍କିତ ଏକ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଧନ କର୍ମୀ ଭାବେ ଯୁବ ରେଡ୍‌କ୍ରସ ଜିଲ୍ଲା ସଞ୍ଜୋଜକ ଡ. ନରେଶ ଚନ୍ଦ୍ର ସାହୁ ଯୋଗ ଦେଇ ନୂତନ ଭାବେ ତାଲିମ୍ ନେବା ପାଇଁ ଆସିଥିବା ଶିକ୍ଷକ ଓ ଶିକ୍ଷତା ମାନଙ୍କୁ ପ୍ରବର୍ତ୍ତାଇଥିଲେ। ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ରକ୍ତ ସଂଗ୍ରହ କେନ୍ଦ୍ରର ବୁଲୁ ଗୌଡ଼ ଏବଂ ତାଙ୍କ ଟିମ୍ ସର୍ବମୋଟ୍ ୨୫ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ୨୫ ଜଣ କାଉନ୍‌ସେଲର ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିମନ୍ତ୍ରିତ ଅତିଥି ଭାବେ ଯୁବ ରେଡ୍ କ୍ରସ ଜିଲ୍ଲା ସଂଯୋଜକ ଡ.ନରେଶ ଚନ୍ଦ୍ର ସାହୁ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଲଲାଟେନ୍ଦୁ ପୂଜାରୀ, ଆର୍. ଶିବଶଙ୍କର ପଟ୍ଟନାୟକ ଓ ବିଜୟ ସାହୁ ଯୋଗଦେଇ ନୂତନ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଡୁମୁରିପୁଟ



ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଡୁମୁରିପଦର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରତିନିଧିମାନେ ମଧ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ରକ୍ତଦାନ ଶିବିରରେ ଏକ ବିରଳ ରକ୍ତ ଗୋଷ୍ଠୀ 'ଏବି ନେଗେଟିଭ୍' ର ଦାତା ଚିହ୍ନଟ ହୋଇଥିବା ଏକ ଉଲ୍ଲେଖନୀୟ ଘଟଣା ଥିଲା। ଯାହା ଆଗାମୀ ଦିନରେ ଜରୁରୀ ପରିସ୍ଥିତିରେ ଜୀବନ ରକ୍ଷାରେ ଉପକୃତ ହେବ ବୋଲି ଆଶା କରାଯାଉଛି। ପିଏମ୍‌ଶ୍ରୀ ମଲୁସାନ୍ତା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ବୃନ୍ଦ ସକ୍ରିୟ ସହଯୋଗ ଯୋଗାଇଥିଲେ।

# କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ

ବନ୍ଧୁଗାଁ, ୧୧।୪ (ସମିସ)

କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ତୁରୁକୁପେଟା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ଲାବିଟି ମଣିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ଡି ଏଙ୍କାଟି, ବିଜେଡ଼ି ବ୍ଲକ ସଭାପତି ଦୁର୍ଯ୍ୟ ନାଗ, ପୂର୍ବତନ ବିଜେପି ଜିଲ୍ଲା ଉପ ସଭାପତି ଶରତ ପାତ୍ର, ବିଜେଡି ପୂର୍ବତନ ସଭାପତି ବାଲା ନାଗ, ସରପଞ୍ଚ ଲକ୍ଷ୍ମୀ କାଡ୍ରାକା, ଲକ୍ଷ୍ମୀପୁର ବ୍ଲକ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ମଦନ ମୁଦୁଲି, ନାରାୟଣପାଟଣା ବ୍ଲକ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମୁଦୁଲି, ସ୍କୁଲ ପରିଚାଳନା କମିଟି ସଭାପତି ଏ ସୁରେନ୍ଦ୍ର, ସରକାରୀ ଉଚ୍ଚ



ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ଚୌଧୁରୀ, ଶିକ୍ଷକ ସଂଘ ସମ୍ପାଦକ କେ ପ୍ରତାପ କୁମାର ପ୍ରମୁଖ ଉପସ୍ଥିତ ରହି ଥିଲେ। ବିଦ୍ୟାଳୟ ପରିସରରେ ଜାତିର ପିତା ମହା।। ଗାନ୍ଧୀ ଓ କସ୍ତୁରବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନୂତନ ଭାବେ ସ୍ଥାପିତ ହୋଇଥିଲା। ପ୍ରଧାନ ଶିକ୍ଷୟତ୍ରୀ ଲାବିଟି ମଣି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ସଫଳତା କ୍ଷେତ୍ରରେ ଚଳିତ ବର୍ଷ ଷଷ୍ଠ ଶ୍ରେଣୀରେ ବୃତ୍ତି ରୁଦ୍ର ପ୍ରତାପ ସୁବୁଦ୍ଧି, ବଜବହାଲ ନେହୁରୁ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ଖୁସି ମେଲେକା, ସୁଭଦ୍ରା ପିଡ଼ିକା ଉତ୍ତୀର୍ଣ୍ଣ କରିଛନ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପଢ଼ିବା ପାଇଁ ଅର୍ଚ୍ଚିତା ପିଡ଼ିକା, ଶ୍ରୀୟା ମେଲେକା, ରିଶି ପିଡିକା, ଆୟୁଷ୍ମାନ ଗୌଡ, କୁସୁମାଞ୍ଜଳି ଜେମ୍ବେଲି ଓ ଶ୍ରୀୟା ଜାକାକା ଉତ୍ତୀର୍ଣ୍ଣ ହୋଇ ପାଠ ପଢୁଛନ୍ତି। ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାରେ ଆସ୍ୱାସିନି ଆରସଡ଼ା ସଫଳତା ପାଇଛନ୍ତି। ରାଜ୍ୟସ୍ତରୀୟ ରିଲେ ରେସରେ ଗଙ୍ଗୋତ୍ରି ପିଡିକା ସଫଳତା ପାଇଛନ୍ତି। ଏଥିସହ ବିଦ୍ୟାଳୟରେ ୨୬୪ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଶ୍ରେଣୀ ଗୃହ ୪ଟି ରହିଛି। ଶିକ୍ଷକ ମାତ୍ର ୪ ଜଣ ଅଛନ୍ତି। ବିଦ୍ୟାଳୟ ପାଇଁ ଆଉ ଶ୍ରେଣୀ ଗୃହ ଆବଶ୍ୟକ ଥିବା ବେଳେ ୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଅଣ୍ଟ ଅଛନ୍ତି। ଶିକ୍ଷକ ପ୍ରଶାନ୍ତ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ପୁରସ୍କାର ବଣ୍ଟନ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା ରହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଙ୍କୁ ବ୍ଲକ ଅଧ୍ୟକ୍ଷାଙ୍କ ସମେତ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ଧୂମଧାମ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ରାମଚନ୍ଦ୍ର ମେଲେକା, ଯୁଗେଶ୍ୱର୍ ମାଝୀ ଓ ସୁନୀତା ବେହେରା ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଘେରାଉ

ଉମରକୋଟ, ୧୧।୪(ସମିସ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଚାଲିଥିବା ବେଳେ ବିଦ୍ୟୁତ କାଟ ଜୀବନକୁ ଦୁର୍ବିସହ କରିଦେଉଛି। ବିଦ୍ୟୁତ ଯୋଗାଣ ବନ୍ଦ ଥିଲେ ମଧ୍ୟ ବିଭାଗୀୟ ଅଧିକାରୀ, ବିଦ୍ୟୁତ ବିଭାଗ ଅଧିକାରୀ ତତ୍ପରତା ଦେଖାଉ ନଥିବା ଯୋଗୁଁ ଉପଭୋକ୍ତା ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହୋଇ ଶେଷରେ ଟିପିସିଓଡିଏଲ୍ ଉମରକୋଟ ଶାଖା କାର୍ଯ୍ୟାଳୟକୁ ଘେରାଉ କରାଯାଇଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଚନ୍ଦ୍ରପୁରି ଓ ଝରୀଗାଁ ବ୍ଲକ କାନାକୋଟ ଦୁଇ ଗ୍ରାମବାସୀ ଘେରାଉ କରିଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀ କେହି ନଥିବା ଯୋଗୁଁ ନିରାଶ ହୋଇଛନ୍ତି। ବିଗତ ୬ ତାରିଖରେ କାଳବୈଶାଖୀ ବର୍ଷା ଓ ଘଡ଼ଘଡ଼ି ଯୋଗୁଁ କାନାକୋଟ ଗ୍ରାମର ଟ୍ରାନ୍ସଫରମର ପୋଡି ଯାଇଥିଲା। ଏହାପରେ ଏହି ଗ୍ରାମର ୧୦୦ରୁ ଅଧିକ ପରିବାର ଅନ୍ଧାରରେ ଅଛନ୍ତି। ଠିକ୍ ସେହିପରି ଚନ୍ଦ୍ରପୁରି ଗ୍ରାମରେ ମଧ୍ୟ ଚାରି ଦିନ ହେଲା ଟ୍ରାନ୍ସଫରମର ପୋଡି ଯାଇଥିଲା। ଉଭୟ ଗ୍ରାମର ବିଦ୍ୟୁତ ଉପଭୋକ୍ତା ଏହି ଅସୁବିଧା ସମ୍ପର୍କରେ ଫୋନ ଯୋଗେ ଜଣାଇଥିଲେ। ବିଭାଗୀୟ ଅଧିକାରୀ ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଟ୍ରାନ୍ସଫରମର ମରାମତି କିମ୍ବା ପରିବର୍ତ୍ତନ ହୋଇ ନଥିଲା। ଫଳରେ ଦୁଇ ଗ୍ରାମବାସୀ ଆଜି ଲିଖିତ ଭାବେ ଜଣାଇବାକୁ ଆସିଥିଲେ। କିନ୍ତୁ ଆଜି ଶନିବାର ଥିବା ଯୋଗୁଁ ବିଭାଗୀୟ ଅଧିକାରୀ କେହି ନଥିଲେ। ଅଭିଯୋଗ କରିବାକୁ ଆସିଥିବା ଉପଭୋକ୍ତାଙ୍କୁ ଦେଖି ଉପସ୍ଥିତ ଥିବା କିଛି କର୍ମଚାରୀ କାର୍ଯ୍ୟାଳୟକୁ ତାଲା ପକେଇ ଚାଲି ଯାଇଥିଲେ। ଏହା ପରେ ଦୀର୍ଘ ସମୟ କାର୍ଯ୍ୟାଳୟ ସମ୍ମୁଖରେ ଘେରାଉ କରି ବସି ଶେଷରେ ନିରାଶ ହୋଇ ନିଜ ନିଜ ଗ୍ରାମକୁ ଫେରିଯାଇଥିଲେ। ଆଗାମୀ ଦୁଇ ଦିନ ମଧ୍ୟରେ ଉକ୍ତ ଗ୍ରାମରେ ବିଦ୍ୟୁତ ସଂଯୋଗ ନ ହେଲେ ତେବେ ଦୁଇ ଗ୍ରାମବାସୀ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି।



# କୁକୁର କାମୁଡ଼ିଥିବା ଗାଈ କ୍ଷୀର ପିଇ ଲୋକେ ଆତଙ୍କିତ

## ସ୍ୱାସ୍ଥ୍ୟ କେନ୍ଦ୍ରରେ ଲୋକଙ୍କ ଲମ୍ବା ଲାଇନ୍

ଉମରକୋଟ, ୧୧।୪(ସମିସ)

ନବରଙ୍ଗପୁର ଜିଲ୍ଲା ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା। କୁକୁର କାମୁଡା ଭ୍ୟାକ୍ସିନ୍ ନେବା ପାଇଁ ଲମ୍ବା ଲାଇନ୍ ଲଗାଇ ଠିଆ ହୋଇଛନ୍ତି ୩୦/୪୦ ଜଣମହିଳା, ପୁରୁଷ ଓ ଶିଶୁ। ନବରଙ୍ଗପୁର ଜିଲ୍ଲା ଉମରକୋଟ ମୁନିସିପାଲିଟି ଅନ୍ତର୍ଗତ ୧୨ ନମ୍ବର ୱାର୍ଡର ଗୋପାଳକ ଅସରୁ ରାୟଙ୍କ ଗାଇକୁ କିଛିଦିନ ତଳେ କୁକୁର କାମୁଡି ଥିଲା। ଅସରୁ କିନ୍ତୁ ଏହି କଥା ଜାଣି ନଥିଲେ। ସେହି ଗାଇ ଅସ୍ୱାଭାବିକ ଆଚରଣ ଦେଖି ସ୍ଥାନୀୟ ପଶୁ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ସେହିଠାରେ ଚିକିତ୍ସକ ଗାଇ ପାଗଳ ହେଇଥିବା କଥା କହିଥିଲେ ଓ କୁକୁର କାମୁଡା ଯୋଗୁଁ ଏପରି ହୋଇଥିବା ସ୍ପଷ୍ଟ ହୋଇଥିଲା। କିନ୍ତୁ ଗତ କାଲି ରାତିରେ ଏହି ପାଗଳା ଗାଇଟି ମରି ଯାଇଥିଲା। ଏହି ଖବର ପ୍ରଚାର ହେବା ପରେ ସେହି ଗାଈର କ୍ଷୀର ଖାଇଥିବା ପରିବାର ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା। ସମସ୍ତେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭେକସିନ ପାଇଁ ଲମ୍ବା ଲାଇନ୍ ଲଗେଇଛନ୍ତି। ଗାଈ ମାଲିକ କୁକୁର କାମୁଡା ସମ୍ପର୍କରେ ଜାଣି ନଥିଲେ। ଏଣୁ ସେ ନିୟମିତ ଯାହା ଯାହା ପରିବାରକୁ କ୍ଷୀର ଯୋଗାଉ ଥିଲେ ସେହି ଘରର ଲୋକେ କ୍ଷୀର ପିଇଥିଲେ। ସୌଭାଗ୍ୟ ବଶତଃ ବର୍ତ୍ତମାନ ପର୍ଯ୍ୟନ୍ତ କାହାରିକୁ କିଛି ଅସୁସ୍ଥତାର ଲକ୍ଷଣ ଦେଖାଯାଇ ନାହିଁ ବୋଲି ଡାକ୍ତର ସୂଚନା ଦେବା ସହ ସମସ୍ତଙ୍କୁ ଭ୍ୟାକସିନ ଦିଆଯାଇଥିବା ସୂଚନା ଦେଇଛନ୍ତ।



**ଗାଁ ଲୋକେ ପୋଖରୀ ଖୋଳିଲେ**

# ଉଦାହରଣ ସୃଷ୍ଟି କଲେ ଚଲାଣପୁଟ ଗ୍ରାମବାସୀ

ସେମିଲିଗୁଡ଼ା, ୧୧।୪ (ସମିସ): ଗ୍ରାମର ଆଦିବାସୀମାନେ ପ୍ରତିବର୍ଷ ଚୈତ୍ର ପର୍ବ ଅବସରରେ ଗାଁରେ କିଛି ଭଲ କାମ କରିବାକୁ ଉଦ୍ୟମ କରୁଛନ୍ତି। ଗତ ତିନି ବର୍ଷ ଧରି ସେମାନେ ନିଜର କଠିନ ପରିଶ୍ରମ କରି ଗାଁରେ ସଦର ମଣ୍ଡପ, ନିଶନୀ ମୁଣ୍ଡା, ପ୍ରାଚୀର ଏବଂ ଅନେକ ନିର୍ମାଣ କରିଛନ୍ତି। ଏହି ବର୍ଷ ମଧ୍ୟ ସେମାନେ ଗାଁ ପାଇଁ କିଛି ଉପଯୋଗୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏକ ପୋଖରୀ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେମିଲିଗୁଡା ସମିତି ରାଜପୁତ ଗ୍ରାମ ପଞ୍ଚାୟତର ଚଲାଣପୁଟ ଗ୍ରାମବାସୀ ଏବେ ଜିଲ୍ଲାରେ ଆଲୋଚନାର ବିଷୟ ପାଲଟିଛନ୍ତି। ସରପଞ୍ଚ ପିତମ୍ବର କିର୍ସାନିଙ୍କ ନେତୃତ୍ୱରେ, ଗାଁର ଲୋକମାନେ ବାରହାଣ୍ଡି ଦେବତା ଘର ପାଖରେ ଗାଁ ଲୋକ ଏକାଠା ହୋଇ ପାଖରୀ ଖୋଳିବା ଆରମ୍ଭ କରିଛନ୍ତି। ପଶୁପକ୍ଷୀ ଗାଈ ଗୋରୁ ଛେଳିମେଣ୍ଢାଙ୍କୁ ପାଣି ଯୋଗାଇବା ଲାଗି ପୋଖରୀ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେମାନେ ସରକାରଙ୍କଠାରୁ କୌଣସି ସାହାଯ୍ୟ ନ ନେଇ ନିଜସ୍ୱ ଟଙ୍କା ଦାନ କରିଛନ୍ତି। ସକାଳରୁ ପୋଖରୀ ଖୋଳିବାରେ ନିୟୋଜିତ ଅଛନ୍ତି ଚୈତ୍ର ପର୍ବ ଶେଷ ପର୍ଯ୍ୟାୟରେ ଥିବା ବେଳେ ଶୁକ୍ରବାର ରାତିରେ ସମସ୍ତ ଗ୍ରାମବାସୀ ଗାଁରେ ଏକାଠି ହୋଇଥିଲେ। ସେମାନେ ଏଥର କ'ଣ କରିବେ ସେ ବିଷୟରେ ଆଲୋଚନା କରିଥିଲେ। କେତେ ଜଣ ପୋଖରୀ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ଯେଉଁଥିରେ ସମସ୍ତେ ରାଜି ହୋଇଥିଲେ। ତେଣୁ ଶନିବାର ସକାଳେ, ଗ୍ରାମବାସୀ ହାତ ମିଳାଅ ଏବଂ ଗୋଟିଏ ପାଦ ଆଗକୁ ବଢ଼ାଅ ସ୍ଲୋଗାନ ସହ ନିଜ ପରିଶ୍ରମ ସହିତ ପୋଖରୀ ଖୋଳିବା ଆରମ୍ଭ ହୋଇଥିଲା। ଗାଁରେ ୬୫ ପରିବାର ବାସ କରନ୍ତି। ଏହି ମହାନ କାର୍ଯ୍ୟାରେ ସମସ୍ତେ ଅଂଶଗ୍ରହଣ କରିବେ ବୋଲି ସର୍ତ୍ତ ରଖାଯାଇଥିଲା। ଏହା ସହିତ ଏଥିରେ ଯଦି କିଏ ଅଂଶଗ୍ରହଣ କରୁନାହାନ୍ତି, ସେମାନେ ୫୦୦ ଟଙ୍କା ଜରିମାନା ଦେବାକୁ ସର୍ତ୍ତ ରଖାଯାଇଥିଲା। ବୟସ ନିର୍ବିଶେଷରେ, ଛୋଟ ଏବଂ ବୃଦ୍ଧ ସମସ୍ତେ, ପୋଖରୀ ଖୋଳିଛନ୍ତି। ଗ୍ରାମବାସୀ ଆଶା କରୁଛନ୍ତି ଯେ ଏହି ପୋଖରୀ ଖନନ ହେଲେ ଗୋରୁ ଏବଂ ପକ୍ଷୀମାନଙ୍କୁ ପାଣି ମିଳିବ। ଗ୍ରାମର ନାୟକ ସଦନ ମୁର୍ଜା, ପୂଜାରୀ ହରିଶ୍ଚନ୍ଦ୍ର ମାଣ୍ଡେଇ, ଧନ ମୁର୍ଜା, ଧନ ପାଙ୍ଗୀ, ଭକ୍ତ, ବନମାଳୀ, ମଙ୍ଗଳା, ସଦା, ଭକ୍ତ, ଅନ୍ୟମାନେ ତିନିରୁ ଚାରି ଦିନ ମଧ୍ୟରେ ଏହି ପୋଖରୀ ଖନନ ଶେଷ କରିବାକୁ ଚେଷ୍ଟା କରୁଛନ୍ତି। ସରପଞ୍ଚ ପୀତାମ୍ବର ସେମିଲିଗୁଡା ସମିତିର ଅଧିକାରୀମାନଙ୍କୁ ଜଣାଇଥିଲେ। ଅଧିକାରୀମାନେ ବହୁତ୍ ଖୁସି ପ୍ରକାଶ କରିଛନ୍ତି। ଆଉ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ସେମାନେ ପୋଖରୀ ନିର୍ମାଣ ପାଇଁ ପାଣ୍ଠି ଯୋଗାଇବା ଦେବେ। ଏହା ଗ୍ରାମବାସୀଙ୍କ ମନରେ ଆହୁରି ଉତ୍ସାହ ସୃଷ୍ଟି କରିଛି। ଗ୍ରାମବାସୀମାନେ କହିଛନ୍ତି ଯେ ସେମାନଙ୍କ ସହାୟତାରେ ନିର୍ମାଣ କରିବା ପରେ, ଯଦି ସରକାରୀ ପାଣ୍ଠି ଆସେ, ତେବେ ସେମାନେ ଏହାକୁ ଆହୁରି ବିକାଶ କରିବା ଏବଂ ଗାଈ-ପକ୍ଷୀମାନଙ୍କ ପାଇଁ ପାଣି ଉପଲବ୍ଧ କରାଇବା ପାଇଁ ପଦକ୍ଷେପ ନେବେ। ସେମାନେ କହିଛନ୍ତି ଯେ ସରକାର ପାଣ୍ଠି ମଞ୍ଜୁର ନ କଲେ ମଧ୍ୟ, ସେମାନେ ନିଜସ୍ୱ ପାଣ୍ଠିରେ ନିର୍ମାଣ କାର୍ଯ୍ୟ ସମାପ୍ତ କରିବେ। କୋଲାବ ଜଳଭଣ୍ଡାର ନିକଟରେ ଅଛି। ଏହି ଅଞ୍ଚଳକୁ ପର୍ଯ୍ୟଟନ ସ୍ଥଳ ଭାବରେ ବିକଶିତ କରାଯିବା ପାଇଁ ଦାବି ସେମାନେ କରିଛନ୍ତି। ସରକାର ଏଥିପାଇଁ ଆଗକୁ ଆସି ଏହାକୁ ପର୍ଯ୍ୟଟନ କେନ୍ଦ୍ର ଭାବରେ ବିକଶିତ କରନ୍ତୁ ବୋଲି ଗ୍ରାମବାସୀ ମତ ପ୍ରକାଶ କରିଥଲେ। ପ୍ରତିବର୍ଷ ଚୈତ୍ର ମାସରେ ମହୋତ୍ସବ ସମାପ୍ତ କରିବେ ଏବଂ ଗାଁ ପାଇଁ କିଛି ଉପଯୋଗୀ କରିବେ। ପୂର୍ବରୁ, ଗ୍ରାମର ମହିଳାମାନେ ପ୍ରତି ରବିବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଆସୁଛନ୍ତି। ସେମାନେ ଗାଁକୁ ସଫା ରଖୁଛନ୍ତି। ସମିତିର ଏକ ଆଦର୍ଶ ଗ୍ରାମ ଚଲାଣପୁଟ ରହୁଥିବା ବେଳେ ଗ୍ରାମବାସୀମାନେ ଅନେକ କାମ କରିଛନ୍ତି। ଏହା ଅନ୍ୟ ପାଇଁ ଏକ ଉଦାହରଣ ଭାବରେ ଠିଆ ହୋଇଛନ୍ତି।



# ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ

କୋରାପୁଟ, ୧୧।୪(ସମିସ): ଓଡ଼ିଆ ପକ୍ଷ ଅବସରରେ କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପୁସ୍ତକ ବିକ୍ରୟ କେନ୍ଦ୍ର ସୃଜନୀ ମହଲର ସତ୍ତ୍ୱାଧିକାରୀ ବଟକୃଷ୍ଣ ପ୍ରଧାନ ସହଯୋଗ କରିଥିଲେ। ଏହି ଅବସରରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ମହେନ୍ଦ୍ର କୁମାର ଭୋଇଙ୍କ ସମେତ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂଗୋଷ୍ଠି ଯୋଗ ଦେଇ ବହି କିଣିବା ସହିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା ପ୍ରତ୍ୟେକ ବିଭାଗର ଛାତ୍ରଛାତ୍ରୀ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ତଥା ବିବିଧ ବିଭାଗର ଓଡ଼ିଆ ବହି କ୍ରୟ କରିଥିଲେ।



# ଅମୃତ ପିଢ଼ି ସାରସ୍ୱତ ସମାରୋହ

କୋଲନରା, ୧୧।୪(ସମିସ): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ସଦର ସମ୍ମିଳନୀ ଗୃହ ଠାରେ ଶନିବାର ଅମୃତପିଢ଼ି ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ପକ୍ଷ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋଲନରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ଡ.ରତିରଞ୍ଜନ ଦାଶ, ଡ. ସମୀକ୍ଷା ଦାସ, ସାମଜିକ କର୍ମୀ କାଳୀରାମ ମାଝୀ, ଶିବଶଙ୍କର ପଟ୍ଟନାୟକ ପ୍ରମୂଖ ଅତିଥିଗଣ ମଞ୍ଚାସୀନ ଥିଲେ। ବିଡିଓ ରୀନା ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଦୀପ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଏକ ଓଡ଼ିଆ କବିତା ପାଠ ଉତ୍ସବ ଆୟୋଜନ କରାଯାଇଥିଲା। କୋଲନରା ତଥା ରାୟଗଡ଼ ବ୍ଲକର କବି ଓ ନାରୀକବି ମାନେ ସ୍ୱରଚିତ କବିତା ପାଠ କରିଥିଲେ। କବି ଭାଗିରଥୀ ଶତପଥୀ, ଅରୁନ୍ଧତୀ ନାୟକ, ଜୟଦେବ ସିଠ, ସସ୍ମିତା ମିଶ୍ର, ଧନଞ୍ଜୟ ବରଡ଼ି, ସୌଦାମିନୀ ରାୟଗୁରୁ, କଲ୍ୟାଣୀ ସାସମଲ, ମିନତୀ ସେନାପତି, ଗୋପବନ୍ଧୁ ଜେନା, ସତ୍ୟ ଶିବ ସୁନ୍ଦର, ଅଜିତ ନୀଳଗିରି, ତ୍ରିବେଣୀ ମିଶ୍ର, ମହାଶ୍ୱେତା ପାଣିଗ୍ରାହୀ, ପପୁନି ମହାରଣା ପ୍ରମୁଖ କବିତା ପାଠ କରିଥିଲେ। ପ୍ରଫୁଲ୍ଲ ପାଢ଼ୀ, ପ୍ରଶାନ୍ତି ସାହୁ ଓ ପ୍ରଦୀପ ନାୟକ କବିତା ସଂଯୋଜନା କରିଥିଲେ। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅଜିତ କୁମାର ହୋତା ଧନ୍ୟବାଦ୍ ଅର୍ପଣ କରିଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦେବାଶିଷ ମୁଣ୍ଡ ଓ ରେଣୁକା କର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



**● ସୁରେନ୍ଦ୍ର ମେଲାକା ରାତ୍ରିକାଳୀନ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

# ଚିନ୍ତାଲିଗୁଡ଼ାକୁ ହରାଇ ତାଡ଼ମା ଦଳ ଚାମ୍ପିଅନ୍

ରାୟଗଡ଼ା, ୧୧।୪(ସମିସ): ରାୟଗଡ଼ା ଆଦିବାସୀ ମହାସଂଘ (ରାଆମ) ଦ୍ୱାରା ତାଡାମା ଗ୍ରାମ ପଞ୍ଚାୟତରେ ଆୟୋଜିତ ସ୍ୱର୍ଗତ ସୁରେନ୍ଦ୍ର ମେଲାକାଙ୍କ ସ୍ମୃତିରେ ରାତ୍ରିକାଳୀନ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଓ ଶାନ୍ତିଶୃଙ୍ଖଳାପୂର୍ଣ୍ଣ ଭାବେ ସମାପ୍ତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୨୧ ତାରିଖରେ ଆରମ୍ଭ ହୋଇ ଅପ୍ରେଲ ୧୦ ତାରିଖରେ ଫାଇନାଲ୍ ମ୍ୟାଚ ସହିତ ଶେଷ ହୋଇଥିଲା। ଏଥିରେ ପଞ୍ଚାୟତର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଶିକ୍ଷକ ସନାତାନ ଗମାଙ୍ଗୋ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଆମର ଜିଲ୍ଲା ସଭାପତି ବିଜୟ କୁମାର ମେଲାକା ଓ ଗାଁ ଠାକୁରାଣୀ ମନ୍ଦିରର ପୂଜାରୀ ସଦାରାମ ମେଲାକାଙ୍କ ସହିତ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚରେ କମେଣ୍ଟେଟରର ଭାବେ ମାଧବ ଚନ୍ଦ୍ର ମେଲାକା ଦାୟିତ୍ୱ ନିର୍ବାହ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ପ୍ରତିଦିନର 'ମ୍ୟାନ୍ ଅଫ୍ ଦ ମ୍ୟାଚ' ପୁରସ୍କାର ପୋଲମା ସରକାରୀ ଏସଏସଡି ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଓ ପୂର୍ବତନ ଆନ୍ତର୍ଜାତୀୟ କ୍ରୀଡାବିତ୍ ବାବୁଲା ମେଲାକାଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଫାଇନାଲ୍ ମ୍ୟାଚରେ ତାଡମା ଦଳ ବିଜେତା ହୋଇ ଟ୍ରଫି ସହ ଟଙ୍କା ୧୧, ୧୧୧ ଟଙ୍କା ଅର୍ଜନ କରିଥିଲେ। ଚିନ୍ତାଲିଗୁଡ଼ା ଦଳ ପରାଜିତ ହୋଇ ଟ୍ରଫି ସହ ୭, ୭୭୭ ଟଙ୍କା ପାଇଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ତାଡାମା/ବାଗଡ଼ାଗୁଡ଼ା ଗ୍ରାମର ବୁଦ୍ଧିଜୀବୀ ମାଧବ ଚନ୍ଦ୍ର ମେଲାକା, ଗ୍ରାମର ମୁଖିଆମାନେ ଓ ତାଡାମା ଏ, ବିଓସି ଟିମ୍‌ର ଖେଳାଳିମାନେ ସକ୍ରିୟ ସହଯୋଗ କରିଥିଲେ। ସେହିପରି ସିଦ୍ଧାନ୍ତ ହିମିରିକା, କୁନା ମେକାକା, ଲକ୍ଷ୍ମୀଧର ମେଲାକା, ନୀଳକଣ୍ଠ ମେଲାକା ଓ ଶ୍ୟାମନାଥ ମେଲାକା ସମେତ ଅନ୍ୟାନ୍ୟ ଗ୍ରାମବାସୀଙ୍କ ଭୂମିକା ଉଲ୍ଲେଖନୀୟ ରହିଛି। ଏହି ପଞ୍ଚାୟତ ସ୍ତରୀୟ ନାଇଟ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାରେ ସହଯୋଗ ଓ ପ୍ରୋତ୍ସାହନ ଯୋଗାଇଥିବା ହେମଲତା ମେଲାକା, କୁମାରୀ ମେଲାକା ଓ ଲକ୍ଷ୍ମୀ ମେଲାକାଙ୍କୁ ଆୟୋଜକ ମାନେ କୃତଜ୍ଞତା ଜଣାଇଛନ୍ତି।



# ୧୩ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବିଇଓଙ୍କ କାରଣ ଦର୍ଶାଅ ନୋଟିସ୍

ଗୁଡାରୀ, ୧୧।୪(ସମିସ): ରାୟଗଡ଼ ଜିଲ୍ଲା ଗୁଡାରୀ ବ୍ଲକ ଏବଂ ପରିଷଦରେ ଅବସ୍ଥାପିତ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହେଉଥିବା ଅନିୟମିତତା ତଥା ଅବହେଳାକୁ ଦୃଷ୍ଟିରେ ରଖି ଏବଂ ଶିକ୍ଷାର ଉନ୍ନତି କରଣ ପାଇଁ ଗୁଡାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ସୁନା ଶିକ୍ଷକ ଏବଂ ଶିକ୍ଷୟତ୍ରୀ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସୂଚନା ମୁତାବକ ରାଜ୍ୟ ସରକାର ଏପ୍ରିଲ ୨ ତାରିଖରୁ ପ୍ରତ୍ୟେକ ବିଦ୍ୟାଳୟ ସକାଳ ସାଢେ ୬ରୁ ସାଢେ ୧୦ଟା ପର୍ଯ୍ୟନ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହ ପାଠ ପଢ଼ାଇବା ପାଇଁ ସମୟ ନିର୍ଦ୍ଧାରଣ କରିଛନ୍ତି। କିନ୍ତୁ ଗୁଡାରୀ ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀ ସଠିକ ସମୟରେ ବିଦ୍ୟାଳୟ ଉପସ୍ଥିତ ନ ରହିବା ଗୁଡାରୀ ବିଇଓ ଜାଣିବା ପରେ ଆଜି ଏକାକାଳୀନ ୧୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ୧୩ ଜଣ ମଧ୍ୟରେ ଶିକ୍ଷକ ପଞ୍ଚାନନ ସାହୁ, ଦେବାଶିଷ ପାତ୍ର, ସଭା ସୁନ୍ଦର ପାତ୍ର, ପ୍ରିୟଦର୍ଶନ ପରିଡ଼ା, ରାଜୁ କିମ୍ବାକା, ଟି, କେଦାରନାଥ, ପ୍ରଫୁଲ୍ଲ କୁମାର ଦୋରା, ମୋଜନ ବଣିଆ, ରସମିତା ଶବର, ସୁଲୋଚନା ଦୋରା, ରିଜନ ଟାକିରି, ଅଶୋକ ଗମାଙ୍ଗ, ବିନୋଦ କୁମାର ରଥ ରହିଥିବା ଜଣାପଡ଼ିଛି। ଏହି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ବିଦ୍ୟାଳୟ ନ ପହଞ୍ଚି ଥିବା ଦେଖିବାକୁ ପାଇ ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀ ସୁନା ସେମାନଙ୍କ ଉପର କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡ଼ିଛି। ବିଗତ ଦିନରେ ଶିକ୍ଷକ ପଞ୍ଚାନନ ସାହୁଙ୍କ ଏପରି କାର୍ଯ୍ୟକଳାପ ଦେଖି ପୂର୍ବତନ ବିଇଓ ସୁଶ୍ରୀ ମିଶ୍ରାଣୀ କୁମ୍ଭାର ଗୋଟିଏ ଦିନର ଦରମା ବନ୍ଦ କରିଥିଲେ। ଏଭଳି କାର୍ଯ୍ୟାନୁଷ୍ଠାନ ପରେ ମଧ୍ୟ. ଶିକ୍ଷକ ଶ୍ରୀ ସାହୁ ବିଭାଗୀୟ ନିର୍ଦ୍ଦେଶକୁ ଅବମାନନା କରିବା ପୁଣି ଦେଖିବାକୁ ମିଳିଛି। ବିଇଓ ଶ୍ରୀ ସୁନାଙ୍କ କାର୍ଯ୍ୟାନୁଷ୍ଠାନ ଗୁଡାରୀ ବ୍ଲକର ଶିକ୍ଷା କ୍ଷେତ୍ରରେ ବଡ଼ଧରଣର ଉନ୍ନତ ପରିଲକ୍ଷିତ ହେବ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।


କାର୍ଯ୍ୟାନୁଷ୍ଠାନକୁ ନେଇ ଶିକ୍ଷକ ଛାନିଆ

# ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କର୍ମଶାଳା ଉଦ୍‌ଯାପିତ

କୋରାପୁଟ, ୧୧।୪(ସମିସ): ସ୍ଥାନୀୟ ପୂଜାରୀପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପୋଲିସ ଓ ମାଳିସାହି କ୍ଲଷ୍ଟର ଅନ୍ତର୍ଗତ ଶିକ୍ଷକ ମାନଙ୍କୁ ନେଇ ଦୁଇ ଦିନିଆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜୟପୁର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷା ମମତା ଝଡିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଶିକ୍ଷକ ପ୍ରଶିକ୍ଷିକା କୁସୁମ ପାଣ୍ଡେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାଦାନ ପ୍ରଣାଳୀରେ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା, ବ୍ୟବହାର ଓ ପ୍ରଭାବ ଉପରେ ଶ୍ରୀମତୀ ଝଡ଼ିଆ ନିଜ ମତ ରଖିଥିଲେ। ଦ୍ୱିତୀୟ ଦିନର ଏହି କର୍ମଶାଳାରେ ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି ଯୋଗ ଦେଇ ଶିକ୍ଷଣ ସାମଗ୍ରୀର ଗୁରୁତ୍ୱ ଓ ପିଲାଙ୍କ ଉପରେ ଏହାର ପ୍ରଭାବ ସମ୍ବନ୍ଧରେ ଉପସ୍ଥିତ ଶିକ୍ଷକଶିକ୍ଷୟତ୍ରୀ ମାନଙ୍କୁ ସୂଚନା ଦେଇଥିଲେ। କୋରାପୁଟ ପୌର ପରିଷଦର ରେଲିକୁମ୍ଭା, କୋରାପୁଟ ବ୍ଲକର ଝଡିଗୁଡ଼ା, ଦଳେଇପୁଟ, ଘୋଡ଼ାଦୋରା ଓ ଛପର କ୍ଲଷ୍ଟର ଗୁଡିକରେ ମଧ୍ୟ ଏହି ଦୁଇ ଦିନିଆ କର୍ମଶାଳା ଉଦ୍‌ଯାପିତ ହୋଇ ଯାଇଥିବା ଜଣାପଡ଼ିଛି। ଗତକାଲି ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ଦଶମନ୍ତପୁର ବ୍ଲକର ଏ ମାଲକାନଗିରି କ୍ଲଷ୍ଟର କର୍ମଶାଳାର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ସୂଚନା ମିଳିଛି।

# ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ କୋଷାଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ମାଲକାନଗିରି, ୧୧।୪(ସମିସ): ମାଲକାନଗିରି ଜିଲ୍ଲା ଶିକ୍ଷକ ଭବନ ଠାରେ ଆଜି ସନ୍ଧ୍ୟାରେ ଅବସରପ୍ରାପ୍ତ ଶିକ୍ଷକ ତଥା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର କୋଷାଧ୍ୟକ୍ଷ ଚିତ୍ତ ରଞ୍ଜନ ସରକାରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଜିଲ୍ଲା ପ୍ରାଥମିକ ସଂଘର ସଭାପତି ତାରକ ମଣ୍ଡଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ ରାଜ୍ୟ ସଂଘ ଉପସଭାପତି ରଞ୍ଜିତ କୁମାର ନାୟକ, ଜିଲ୍ଲା ଉତ୍କଳ ସାମ୍ବାଦିକ ସଭାପତି ଅଶୋକ ମିଶ୍ର, ସମ୍ପାଦକ ବି. ଶ୍ରୀନିବାସ ପାତ୍ର, ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରତ୍ନାକର ଦାସ, କୋରୁକୋଣ୍ଡା ବ୍ଲକ ସମ୍ପାଦକ ପ୍ରଶାନ୍ତ ବେହେରା, ସମାଜସେବୀ ତଥା ପରିବର୍ତ୍ତନ ଏନଜିଓ ର ଡାଇରେକ୍ଟର ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାଟିକୁ ମାଲକାନଗିରି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରାମପ୍ରସାଦ ପାଢ଼ୀ ପରିଚାଳନା କରିଥିଲେ। ଗତ ଜାନୁଆରୀ ୩୧ ରେ ଅବସର ନେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କର ୩୧ ବର୍ଷ ଚାକିରି ସମୟରେ କୌଣସି ପ୍ରକାର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନଥାଇ ପେନସନ କାହିଁକି ହୋଇନାହିଁ ବୋଲି ସମସ୍ତେ କ୍ଷୋଭ ତଥା ଉଦବେଗ ପ୍ରକାଶ କରିଥିଲେ। ଯଥାଶୀଘ୍ର ଏହାର ପ୍ରତିକାର ପୂର୍ବକ ପଦକ୍ଷେପ ଗ୍ରହଣ କରିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ମନୋରଞ୍ଜନ ବେହେରା, ବିକାଶ ସେଠୀ, ଗଣେଶ ଜେନା, ମନୋରଞ୍ଜନ ସେଠି, ଶ୍ରୀଧର ସାହୁ, ପ୍ରଦୀପ ଦଳେଇ, ସୁରେନ୍ଦ୍ର ମହାରଣା, ଉମାକାନ୍ତ ମୁଦୁଲି, ବସନ୍ତ ରାଉତ, କଳ୍ପତରୁ ନାୟକ, ସିମାଞ୍ଚଳ ଭୂୟାଁ, ଖଗେଶ୍ୱର ରାଉତ, ଜ୍ଞାନ ସ୍ୱାଇଁ ତଥା ଶତାଧିକ ଅନ୍ୟାନ୍ୟ ଲୋକ ଉପସ୍ଥିତ ଥିଲେ। ଶେଷରେ ସମୀରକାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

**ଦୁର୍ଗମ ଅଞ୍ଚଳରେ ଚାଷ ଦେଉଛି ରୋଜଗାର**

# ଗ୍ରାହକଙ୍କ ପସନ୍ଦ ରଙ୍ଗବେରଙ୍ଗ ଫୁଲକୋବି

ମାଲକାନଗିରି, ୧୧।୪ (ସମିସ)

ମାଲକାନଗିରି ଜିଲ୍ଲାର ଆଦିମ ଜନଜାତିଙ୍କୁ ବର୍ତ୍ତମାନ ରୋଜଗାରର ନୂଆ ରାହା ଦେଖାଇଛି ରଙ୍ଗୀନ ଫୁଲ କୋବି ଚାଷ ସହ ବିଭିନ୍ନ ପନିପରିବା ଚାଷ। ଯେଉଁଠି ଲୋକେ ରୋଜଗାର ପାଇଁ ବାହାରକୁ ଦାଦନ ଯାଉଥିଲେ, ବର୍ତ୍ତମାନ ସେହି ଅଞ୍ଚଳରେ ସରକାରୀ ସହାୟତାରେ ଆରମ୍ଭ ହୋଇଥିବା ଏହି ପରିବା ଚାଷ ଲୋକଙ୍କୁ ଦେଇଛି ନୂଆ ରାହା ଏବଂ ଭଲ ରୋଜଗାର। ସମୁଦ୍ର ପତନ ଠାରୁ ପ୍ରାୟ ୫୦୦୦ ଫୁଟ ଉଚ୍ଚରେ ରହିଥିବା ମାଲକାନଗିରି ଜିଲ୍ଲାର ଏହି ବଡ଼ଦୁରାଲ ପଞ୍ଚାୟତର ମାଳୀଗୁଡା ଗ୍ରାମରେ ବର୍ତ୍ତମାନ ପାହାଡ଼ ଛାତିରେ ସବୁଜ କ୍ଷେତ ସଜେଇ ହୋଇଛି। କ୍ଷେତରେ ଫଳିଛି ଜାତିଜାତିକା ଫସଲ। ଗୋଟିଏ ଦୁଇଟି ଫସଲ ନୁହେଁ, ଏକାଧିକ ଫସଲର ସମ୍ଭାର ଦେଖିବାକୁ ମିଳୁଛି ଏହି ଗ୍ରାମରେ। ଗାଁରେ ଏବେ ରଙ୍ଗୀନ କୋବି, ଗାଜର, ଟମାଟ, ଧନିଆ, ଲଙ୍କା ଭଳି ଅନେକ ପ୍ରକାର ଚାଷ ହେଉଥିବା ବେଳେ ଏହା ଗ୍ରାମବାସୀଙ୍କୁ ଦେଇଛି ନୂଆ ପରିଚୟ ସହ ଉତ୍ତମ ରୋଜଗାର ବାଟ। ଏହି ଗାଁରେ ଅତୀତର ମଣିଷ ପାରମ୍ପରିକ ଚାଷ କରି ନିଜ ଜୀବିକା ନିର୍ବାହ କରୁଥିଲେ। ତେବେ ପୂର୍ବରୁ ଚାଷ କାମରେ ସ୍ଥାନୀୟ ଲୋକେ କେବଳ ନିଜ ଖାଦ୍ୟ ଓ ବିକ୍ରୟ ପାଇଁ ଧାନ, ମାଣ୍ଡିଆ, ବିରି ଭଳି ଚାଷ କରୁଥିବା ବେଳେ ଏଥିରେ ବିଶେଷ ଲାଭ ହେଉନଥିବାରୁ ଧୀରେ ଧୀରେ ଯୁବ ପିଢୀ ଏଥିରୁ ମୁହଁ ଫେରାଇ ନେଇଥିଲେ। କିନ୍ତୁ ବର୍ତ୍ତମାନ ଗ୍ରାମରେ ଲୋକେ ନିଜେ ପନିପରିବା ଚାଷ ବିଷୟରେ ଅଧିକ ଆଗ୍ରହ ପ୍ରକାଶ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟରୁ ଏ ସମ୍ପର୍କରେ ଜ୍ଞାନ ନେଇ ଆରମ୍ଭ କରିଛନ୍ତି ବିଭିନ୍ନ ପନି ପରିବା ଚାଷ। ବର୍ତ୍ତମାନର ଚାଷୀ ପେସାଦାର ଢଙ୍ଗରେ କୃଷି କର୍ମ କରି ଖାଦ୍ୟ ସହିତ ଆୟ ହେଉଥିବା ଫସଲ ଚାଷକୁ ଗୁରୁତ୍ୱ ଦେଉଥିବା ବେଳେ ଏଠିକାର ଜଳବାୟୁ ମଧ୍ୟ ପରିବା ଚାଷ ପାଇଁ ବେଶ ଅନୁକୂଳ ହୋଇଥିବାରୁ ଅଧିକାଂଶ ଲୋକ ଏବେ ଚାଷ ଉପରେ ମନ ନିବେଶ କରିଛନ୍ତି। ଯାହା ଫଳରେ ଏକର ଏକର ଜମିରେ ସଜେଇ ହୋଇଛି ସବୁଜିମାର ବାଦଲ। ବିଶେଷ କରି ଏଠିକାର ଲୋକେ ବର୍ତ୍ତମାନ ରଙ୍ଗୀନ ଫୁଲ କୋବି ଚାଷ କରିଥିବା ବେଳେ ଏହାର ବଜାରରେ ଅଧିକ ଚାହିଦା ରହିଥିବାରୁ ଚାଷୀ ମଧ୍ୟ ଭଲ ଦୁଇ ପଇସା ରୋଜଗାର କରି ପାରୁଛି। ଧଳା କୋବିର ଏତେଟା ଚାହିଦା ନଥିବାରୁ ଭଲ ଦରରେ ବିକ୍ରି ହେଉଛି ହଳଦିଆ ଓ ବାଇଗଣୀ ରଙ୍ଗର ଏହି ଫୁଲ କୋବି। ରାଜ୍ୟ ସରାକରଙ୍କ ପକ୍ଷରୁ କୃଷକ ମାନଙ୍କୁ ବିଭିନ୍ନ ପ୍ରକାରର ସହାୟତା ଯୋଗାଇ ଦିଆଯାଉଥିବା ବେଳେ କୃଷି ବିଭାଗର ବିହନ ସହାୟତାରେ ରଙ୍ଗୀନ କୋବି ଚାଷ କରିଛନ୍ତି ଚାଷୀ। କୋବି ସହିତ ଆହୁରି ଅନେକ ପନି ପରିବା ଚାଷ ବର୍ତ୍ତମାନ ଏଠିକାର ଲୋକଙ୍କୁ ସ୍ୱାବଲମ୍ବି କରିଛି। ଯେଉଁଠି ଯୁବ ପିଢୀ ଦାଦନ ମୁହାଁ ହେଉଥିଲେ ସେଠାରେ ବର୍ତ୍ତମାନ ଲୋକେ ରାତି ପାହିଲେ ଗାଁର ମହିଳା ଓ ପୁରୁଷ ଚାଷ ଜମିରି ଖଟିବାର ଦେଖିବାକୁ ମିଳୁଛି। ଏହିପରି ଚାଷ ହେଉଥିବା ବେଳେ ଚାଷ ଦେଖିବାକୁ ଆଖପାଖ ଅନେକ ଅଞ୍ଚଳର ଲୋକେ ଆସୁଛନ୍ତି। ଏହି ଗାଁଟି ପରିବା ଚାଷ ପାଇଁ ବର୍ତ୍ତମାନ ଅଞ୍ଚଳରେ ନୂଆ ପରିଚୟ ପାଇଥିବା ବେଳେ ଅନ୍ୟ ଗ୍ରାମ ପାଇଁ ଏମାନେ ପାଲଟିଛନ୍ତି ଉଦାହରଣ।





